## କାର - ଅଟୋ ଧକ୍କା: ୧୦ ଗୁରୁତର

ବେଦବ୍ୟାସ (ଡି.ଏନ.ଏ.): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କାଲୋକୁଦର ଗ୍ରାମ ନିକଟରେ ରବିବାର ଅପରାହ୍ନ ୫ଟା ବେଳେ ଏକ କାର ଅଟୋକୁ ପଛ ପାର୍ଶ୍ୱରୁ ଧକ୍କା ଦେଇଛି। ଫଳରେ ପ୍ରାୟ ୧୦ ଜଣ ଯାତ୍ରୀ ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି । ଗୁରୁତର ଆଘାତ ପାଇଥିବା ଯାତ୍ରୀମାନଙ୍କ ନାମ ଜଣାପଡି ନାହିଁ। କାଂଶବାହାଲ ପାର୍ଶ୍ୱରୁ ରାଉରକେଲା ଆଡକୁ ଆସୁଥିବା କାର ଯାହାର ନମ୍ବର ଓଡି ୧୪ ଏ- ୪୮୮୨ ସେହି ପାର୍ଶ୍ୱରୁ ଆସୁଥିବା ଏକ ଅଟୋ ଯାହାର ନଂ. ଓଆର୍ ୧୪ ଟି- ୨୭୦୪ର ପଛରେ କାଲୋକୁଦର ଗ୍ରାମ ନିକଟରେ ଧକ୍କା ଦେଇଥିଲା। ଫଳରେ ଇଣ୍ଡିକା କାର ଓ ଅଟୋରେ ବସିଥିବା ପ୍ରାୟ ୧୦ ଜଣ ଯାତ୍ରୀ ଗୁରୁତର ହୋଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଚାପାରେ ଜଣେ ମୃତ

ସମ୍ବଲପୁର,୨୮।୨ (ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ଦାରୀ ଗ୍ରାମ ନିକଟରେ ଟ୍ରାକ୍ଟର ଚାପାରେ ଅଚ୍ୟୁତାନନ୍ଦ ବିଶ୍ୱାଲ (୫୮)ଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଯୁଯୁମୁରା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ଟ୍ରାକ୍ଟରକୁ ପୋଲିସ ଜବତ କରି ଥାନାରେ ରଖିଛି । ପ୍ରକାଶ ଯେ, ଶନିବାର ରାତିରେ ଅଚ୍ୟୁତାନନ୍ଦ ଉକ୍ତ ଟ୍ରାକ୍ଟରରେ ବସି ଘରକୁ ଫେରୁଥିଲେ । ହେଲେ ଗ୍ରାମ ନିକଟରେ ଟ୍ରାକ୍ଟରରୁ କୌଣସି କାରଣରୁ ପଡି ଯାଇଥିଲେ । ଫଳରେ ଗାଡି ଚକା ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଲୁଟ୍ ଘଟଣାରେ ୩ ଗିରଫ, ଟଙ୍କା ଜବତ

ସମ୍ବଲପୁର,୨୮।୨(ବ୍ୟୁରୋ): ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଅନୁଗୁଳିଆ ପଡା ନିକଟରେ ହୋଇଥିବା ଏକ ଲୁଟ୍ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି । ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ଟାଉନଥାନା ଅନ୍ତର୍ଗତ ମହମ୍ମଦ ଅଲୀ (୨୧), ଧନୁପାଲି ଥାନା ଅଞ୍ଚଳର ମହମ୍ମଦ ଦିଲୁ (୨୨) ଓ ମହମ୍ମଦ ଇନ୍ତିଆଜ (୨୪) । ଏନେଇ ଥାନାରେ ନଂ୭୭/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ନଗଦ ୮ ହଜାର ୩ ଶହ ଟଙ୍କା, ୨ ଟି ମୋବାଇଲ ଫୋନ ଜବତ ହୋଇଛି । ସୂଚନାଯୋଗ୍ୟ ଯେ, କୁଚିଣ୍ଡା ଥାନା ଭୁବନେଶ୍ୱର କିସାନ ଗତ ୨୪ ତାରିଖରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ ।

### ମାର୍ଚ୍ଚ ୨ରେ ଶ୍ରମ ଅଫିସ ଘେରାଉ

ଲଖନପୁର,୨୮।୨(ଡି.ଏନ୍.ଏ): ନିର୍ମାଣ ଶ୍ରମିକଙ୍କ ନାମ ରେଜିଷ୍ଟ୍ରେଶନ ନବୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଆହତ ଶ୍ରମିକଙ୍କୁ କ୍ଷତିପୂରଣ, ସାଇକେଲ୍ ଆଦି ପ୍ରଦାନ ଦାବିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡିଶା ଶାଖା ତରଫରୁ ମାର୍ଚ୍ଚ ୨ତାରିଖରେ ଝାରସୁଗୁଡା ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଧାରଣା ଦିଆଯିବ। ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା, ନିର୍ମାଣ ଶ୍ରମିକ, ଚାଷୀ, ମୂଲିଆ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ବହୁସଂଖ୍ୟାରେ ଯୋଗଦେବେ ବୋଲି ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ଜିଲା ସଭାପତି ମହେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ

ଦେବଗଡ,୨୮।୨(ଡି.ଏନ.ଏ): ଦେବଗଡ ଗୁରୁସାହି ଗୀତା ଯଜ୍ଞ ମଣ୍ଡପରେ ଶ୍ରୀମଦ ଭାଗବତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଧିରେନ କୁମାର ଗୁରୁ ଓ ତାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ଗୁରୁ ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ । ପୁରୋହିତ ଭାବେ ତପନ ଶତପଥୀ, ଷଡାନନ ଶତପଥୀ ଓ ମନୋରଞ୍ଜନ ଶତପଥୀ ଯଜ୍ଞ କର୍ମକାଣ୍ଡ ପରିଚାଳନା କରିଥିଲେ। ଗୀତାଯଜ୍ଞ ଆୟୋଜନରେ ହରପ୍ରସାଦ ନନ୍ଦ, ପ୍ରାଣବନ୍ଧୁ ଶତପଥୀ, ଇନ୍ଦୁଭୂଷଣ ଗୁରୁ, ସମ୍ପାଦକ ଶରତ ଶତପଥୀ, ଭୋଳାନାଥ ମହାପାତ୍ରଙ୍କ ସମେତ ଗୀତା ଯଜ୍ଞ କମିଟି ସଭ୍ୟମାନେ ସହଯୋଗ କରିଥିଲେ ।

### ଜୟ୍ ଯବନେଶ୍ୱରପାଟ କ୍ରିକେଟ ଉଦ୍‌ଯାପିତ: କୁଲୁଣ୍ଡି ଚାମ୍ପିୟାନ

ପଡିଆବାହାଲ, ୨୮।୨ (ଡି.ଏନ.ଏ.): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ଖେଳ ପଡିଆରେ ବିସିଜେଡି ପକ୍ଷରୁ ଜୟ୍ ଯବନେଶ୍ୱରପାଟ କ୍ରିକେଟ ପ୍ରତିଯୋଗିତା ୮ଟି ଦଳକୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହା ୨୪ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଉଦ୍‌ଯାପିତ ହୋଇଥିଲା । ଫାଇନାଲ ଖେଳରେ ପଣ୍ଡରି ଦଳକୁ ୬ ରନରେ ହରାଇ କୁଲୁଣ୍ଡି ଦଳ ଚାମ୍ପିୟାନ ହୋଇଛି । ବିଜେତା ଦଳର ଅଙ୍କିତ ପଧାନ ମ୍ୟାନ ଅଫ୍ ଦି ମ୍ୟାଚ ଓ ଉପବିଜେତା ଦଳର ଅମିତ ପାଣ୍ଡେ ମ୍ୟାନ ଅଫ୍ ଦି ସିରିଜ ଘୋଷିତ ହୋଇଥିଲେ। ସ୍ୱାଧୀନ ସଂଗ୍ରାମ ସିଂ ଓ ସମୀର ଶାସନୀ ଫାଇନାଲ ଖେଳ ପରିଚାଳନା କରିଥିଲେ। ଅମରେଶ ଠେଲାଙ୍କ ଧାରା ବିବରଣୀ ପ୍ରତିଯୋଗିତାକୁ ଚିତ୍ତାକର୍ଷକ କରି ତୋଳିଥିଲା । ଉଦ୍‌ଘାଟନୀ ସଭାରେ ବିସିଜେଡିର ଅମିତାଭ ପରିଡା ଓ ନିଷାନ ବହିଦାର ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ବିସିଜେଡି ଜିଲା ସଭାପତି ସିଦ୍ଧାନ୍ତ ମହାନ୍ତି ମୁଖ୍ୟଅତିଥି, ଯୁଯୁମୁରା ବ୍ଲକ ସଭାପତି ଜିତୁ ଚଇନି, ଜିଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସୁପକାର, ବ୍ଲକ ସମ୍ପାଦକ ସଞ୍ଜୟ ଗରଡିଆ, ଶିକ୍ଷକ ଗୋପୀରଞ୍ଜନ ନାଥ, ସନ୍ତୋଷ କୁମାର ସାହୁ, ସୁବ୍ରତ ଗରଡିଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ ।

# ହକ୍ ପାଇଁ ଚାଷୀଙ୍କ ବାଇକ୍ ରାଲି

ସମ୍ବଲପୁର,୨୮।୨ (ବ୍ୟୁରୋ)



ସମ୍ବଲପୁର ଜେଲଛକରୁ ଚାଷୀଙ୍କ ବାଇକ୍ ରାଲି ବାହାରୁଛି ।

### ଆତ୍ମଘାତୀ କଳା କୃଷି ଆଇନ

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ଚାଷୀମାନେ ନିଜ ହକ୍‌ର ଲଢେଇ ପାଇଁ ଭୁବନେଶ୍ୱର ଅଭିମୁଖେ ବାଇକ୍ ରାଲିରେ ବାହାରିଛନ୍ତି। ରବିବାର ଅପରାହ୍ନ ଗୋଟାଏ ସମୟରେ ଜେଲଛକ ଠାରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ରାଲି ବାହାରି ଥିଲା। ପଶ୍ଚିମ ଓଡିଶା କୃଷକ ସୁରକ୍ଷା ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଥିବା ଡାକରାରେ ଶତାଧିକ ଚାଷୀ ଏହି ରାଲିରେ ସାମିଲ ହୋଇଛନ୍ତି। ବରଗଡ ଜିଲାର ଚାଷୀମାନେ ମଧ୍ୟ ବାଇକ୍ ରାଲିରେ ଆସି ଜେଲଛକରେ ସାମିଲ ହୋଇଥିଲେ। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଗୋଲାପ ଫୁଲ ଦେଇ ଚାଷୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଚାଷୀମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, କେନ୍ଦ୍ରରେ ୩ କଳା କୃଷି ଆଇନ ଚାଷୀଙ୍କ ପାଇଁ ଆତ୍ମଘାତୀ ହୋଇଛି। ଏହା ସହ ରାଜ୍ୟ ସରକାର ମଧ୍ୟ ଚକ୍ରାନ୍ତ କରୁଛନ୍ତି । ମଣ୍ଡି ବ୍ୟବସ୍ଥାକୁ ଘରୋଇକରଣ କରିବାକୁ ଯୋଜନା କରି ସାରିଛନ୍ତି। ତେଣୁ ୩ କୃଷି ଆଇନର ପ୍ରତ୍ୟାହାର ଦାବି ନେଇ କୃଷକ ସମନ୍ୱୟ ସମିତି ପକ୍ଷରୁ ଉଲଗୁଲାନ ଶପଥ ଯାତ୍ରା ଆରମ୍ଭ ହୋଇଛି। ଏଥିରେ ସମ୍ବଲପୁର ଜିଲା ସମେତ ବରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ଝାରସୁଗୁଡ଼ା ପ୍ରଭୃତି ଜିଲାର ଶତାଧିକ ଚାଷୀ ବାଇକ୍‌ରେ ଭୁବନେଶ୍ୱର ଯାତ୍ରା କରିଛନ୍ତି । ରବିବାର ରାତିରେ ବାମୁର ଓ ସୋମବାର କଟକରେ ରାତ୍ରି ରହଣି କରିବାର ସ୍ଥିର ହୋଇଛି। ୨ ତାରିଖ ଦିନ ଏହି ରାଲି ଭୁବନେଶ୍ୱର ଠାରେ ପହଞ୍ଚିବ। କୃଷକଙ୍କ ବ୍ୟତୀତ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀ, ଶ୍ରମିକ ଓ ନାଗରିକ ସଂଗଠନ ପକ୍ଷରୁ ଏହି ଆନ୍ଦୋଳନକୁ ସମର୍ଥନ କରାଯାଇଛି । ସଂଗଠନର ଆବାହକ ଅଶୋକ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ସରୋଜ ମହାନ୍ତି, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଉମେଶ ମିଶ୍ର, ଦେବେନ ପ୍ରଧାନ , ରାଧାକାନ୍ତ ବହିଦାର, ବ୍ୟୋମକେଶ ଠାକୁର, ଦୋଳଗୋବିନ୍ଦ ନାୟକ, ପ୍ରଦୀପ ପାତ୍ର, ଏମ. ଗୋବିନ୍ଦୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଜେଲଛକରେ ଚାଷୀମାନଙ୍କୁ ଶୁଭକାମନା ଜଣାଇବାକୁ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ରହିଥିଲେ । ଜିଲା ଓକିଲ ସଂଘ ସାଧାରଣ ସଂପାଦକ ରବି ରଞ୍ଜନ ପୂଜାରୀ, ଯୁଗ୍ମ ସଂପାଦକ ଅନୁପ ତରିଆ, ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ବିଭିନ୍ନ ଅନୁଷ୍ଠାନର ମହମ୍ମଦ ସନାଉଲ୍ଲା, ତପନ ଗୁରୁ, ହେତମ୍ବଚନ୍ଦ୍ର ଦାନୀ, ମହେଶ ସାଇତା ପ୍ରମୁଖ ଉପସ୍ଥିତ ରହି ଶୁଭକାମନା ଜଣାଇ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ରେଢାଖୋଲ,୨୮।୨(ଡି.ଏନ.ଏ.)

ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟଠାରେ ରବିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୀମସେନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସି.ଭି ରମଣଙ୍କ ବିଭିନ୍ନ ଆବିଷ୍କାର ଓ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଆଲୋଚନାଚକ୍ର, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଫଳକ ନାଜ, ଭବାନୀ ପ୍ରଧାନ, ପି. ଦେଓ ଓ ସାଥୀ, ପ୍ରିୟଙ୍କା ବିଶି, ଜେ. ନାଗ, ଲିପସା ମାହାର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଖଗେଶ୍ୱର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ଦେହୁରୀ, ସୋନମ ବାରିକ, ଏ. ଦାସ, ଲୀଳାବତୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମନୋରମା ଧନ୍ୟବାଦ ଅର୍ପଣ କରିଥିଲେ।

## ଏଲ୍‌ଏନ୍ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତଥିବା ଅବସର କାଳୀନ ଅଧ୍ୟକ୍ଷ, ଅଧ୍ୟାପକ ।

ଲଖନପୁର,୨୮।୨(ଡି.ଏନ୍.ଏ)

ଝାରସୁଗୁଡା ଲକ୍ଷ୍ମୀ ନାରାୟଣ (ଏଲ୍‌ଏନ୍) କଲେଜରେ ରବିବାର ଅଧ୍ୟକ୍ଷ ରବିନ୍ଦ୍ର କୁମାର ଦେବତାଙ୍କ ପୌରୋହିତ୍ୟରେ ରବିବାର ଏକ ସାମୂହିକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ଡ.ଚିତ୍ତବ୍ରତ ଦତ୍ତ, ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମୁଖ୍ୟକିରାଣୀ ସୁରେନ୍ଦ୍ର କୁମାର ହୋତା, ବିଜ୍ଞାନ ବିଭାଗ ପ୍ରଦର୍ଶକ ଦେବେନ୍ଦ୍ର କୁମାର ମିଶ୍ର, ପ୍ରାଣୀ ବିଜ୍ଞାନ ସହାୟକ ବୀରମଣି ବନଛୋର, ପଦାର୍ଥ ବିଜ୍ଞାନ ପ୍ରଦର୍ଶକ ବାସୁଦେବ ପଣ୍ଡା, ଇଂରାଜୀ ପ୍ରଧ୍ୟାପିକା ବାସନ୍ତୀ ପାଢୀ, ରସାୟନ ବିଜ୍ଞାନ ସହାୟକ ଟଙ୍କଧର କଲେସେର୍, ଅଫିସ୍ ସହାୟିକା ଧନମତି ପାଣ୍ଡେ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପ୍ରଧ୍ୟାପକ ନରେନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ତପନ ବାରିକ ସହଯୋଗ କରିଥିଲେ । ଶେଷରେ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍‌ରୁ ପଡି ଚାଷୀ ନେତା ଆହତ

ରେଢାଖୋଲ,୨୮।୨(ଡି.ଏନ.ଏ.)

କୃଷକମାନଙ୍କ ହକ୍ ହାସଲ ପାଇଁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଶତାଧିକ ଚାଷୀ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଛକରୁ ଏକ ବାଇକ୍ ରାଲିରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ଏହି ରାଲି ସନ୍ଧ୍ୟା ୬ଟା ବେଳେ ରେଢାଖୋଲରେ ପହଞ୍ଚିବା ପରେ ଭୀମଭୋଇ ଛକରେ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ମହେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତେବେ ରାଲିରେ ଆସୁଥିବା ବେଳେ ଚାଟୁଣି ନିକଟରେ ବାଇକ୍‌ରୁ ପଡି ବରିଷ୍ଠ ଚାଷୀନେତା ହରିଶଙ୍କର ପୁରୋହିତ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଜଣାପଡିଛି।

## ମୂଲି ପାଢ଼ହା ପରାମର୍ଶଦାତାଙ୍କ ଦେହାନ୍ତ

କୁଆଁରମୁଣ୍ଡା, ୨୮।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିର୍ବାଚନମଣ୍ଡଳୀ କୁଆଁରମୁଣ୍ଡା, ନୂଆଗାଁ ବ୍ଲକ ସମେତ ବୀରମିତ୍ରପୁର ପୌରାଞ୍ଚଳକୁ ନେଇ ଗଠିତ ମୂଳି ପାଡାହାର ପରାମର୍ଶଦାତା (କାହାତୋ) ରମେଶ ଏକ୍କା(୫୪)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଛି। ସେ ଗତ ୨ ସପ୍ତାହ ଧରି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ । ବଡ଼ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ କୁଆଁରମୁଣ୍ଡାସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ବାଟରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସ୍ୱର୍ଗତ ଏକ୍କା ଦୀର୍ଘ ବର୍ଷ ଧରି କୁଆଁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା ସମିତି ସଭାପତି ଥିଲେ। ଅନୁରୂପଭାବେ ତାଙ୍କର ମୃତ୍ୟୁ ଖବର ଶୁଣିବା ପରେ ରବିବାର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଗିରିଙ୍କ ଅଧ୍ୟକ୍ଷତାରେ ଛାତ୍ରୀଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଉଲଗୁଲାନ୍ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି




ବୁଢ଼ାରଜା ପାହାଡ ଶିଖର ସ୍ଥିତ ଉଲଗୁଲାନ୍ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ସମ୍ବଲପୁର, ୨୮।୨ (ବ୍ୟୁରୋ)

### ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧଦିବସ

ବୀର ସୁରେନ୍ଦ୍ର ସାଏଙ୍କ ୧୩୭ତମ ଶ୍ରାଦ୍ଧ ବାର୍ଷିକୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ସମ୍ବଲପୁର ବୁଢ଼ାରଜା ପାହାଡ ଶିଖରସ୍ଥିତ ଉଲଗୁଲାନ୍ ସ୍ମାରକୀରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଅର୍ପଣ କରିଥିବା ବେଳେ ସୁରେନ୍ଦ୍ର ସାଏ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କାର୍ତ୍ତିକ ପ୍ରସାଦ ବହିଦାର, ଲୋକନାଥ ମିଶ୍ର, ଯଦୁମଣି ବେହେରା, ଦୀପକ କୁମାର ପଣ୍ଡା, ଦୀନବନ୍ଧୁ ପଣ୍ଡା ସାମିଲ ଥିଲେ। ସେହିପରି ଜେଲ ଛକସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଓଡିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତା ଓ ସଭ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପ୍ରଫୁଲ୍ଲ ହୋତାଙ୍କ ପରିଚାଳନାରେ ସଭା ହୋଇଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ବିଶ୍ୱମ୍ଭର ବହିଦାର, ପ୍ରଶାନ୍ତ ପାଙ୍ଗଯୋଶୀ, ଲୋକନାଥ ପାଣ୍ଡେ, ଡ. ହରିଶଙ୍କର ବଡପଣ୍ଡା, ସରୋଜ ଦାଶ, ଅଶୋକ କୁମାର ପ୍ରଧାନ, ଶିବପ୍ରସାଦ ମେହେର ପ୍ରମୁଖ ସାମିଲ ଥିଲେ।

## ଜଗନ୍ନାଥ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଦେବଗଡ, ୨୮।୨(ଡି.ଏନ.ଏ)



ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେବଗଡ ଜିଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଜଗନ୍ନାଥ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ ସ୍ଥାନୀୟ ସଂସ୍କୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ତଥା ଅବସରପ୍ରାପ୍ତ କଲେଜ ଅଧକ୍ଷ ଡକ୍ଟର ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥିଭାବେ ତହସିଲଦାର ପଲ୍ଲବୀ ନାୟକ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅତୁଲ୍ୟ କୁମାର ପୂଜାରୀ, ମୁଖ୍ୟବକ୍ତା କଣ୍ଢେଇ ମହାବିଦ୍ୟାଳୟ ଓଡିଆ ବିଭାଗ ପ୍ରାଧ୍ୟାପକ ଡକ୍ଟର ସନ୍ତୋଷ କୁମାର ଦେବତା ଓ ସମ୍ମାନୀତ ବକ୍ତାଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସଂସଦର ଯୁଗ୍ମ ସମ୍ପାଦକ ଡକ୍ଟର ଭାରତ ଭୂଷଣ ନନ୍ଦ ଯୋଗଦେଇ ସାରସ୍ୱତ ସମାରୋହର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସ୍ୱର୍ଗତ ପଣ୍ଡିତ ମଧୁ ସୂଦନ ଗୁରୁଙ୍କ ରଚିତ ପୁସ୍ତକ ମଧୁମାନସ ଓ ମର୍ମଦାହରେ ପ୍ରତିଫଳିତ ସାଂପ୍ରତିକ ସମାଜର ସ୍ଥିତି ଓ ଲେଖକଙ୍କ ସ୍ୱପ୍ନ ସନ୍ଦର୍ଭରେ ବକ୍ତାମାନେ ଆଲୋଚନା କରିଥିଲେ । ସମାରୋହର ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ୍ୱ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ । କବିତାଗୁଡିକୁ ଅବସରପ୍ରାପ୍ତ ଅଧ୍ୟାପକ ତଥା ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦ ସମ୍ପାଦକ ଗୋଲବଦନ ବିଶ୍ୱାଳ ଓ ଜଗନ୍ନାଥ ସାହିତ୍ୟ ସଂସଦର ସଦସ୍ୟା ସୁମିତ୍ରା ପୁରୋହିତ ସଂଯୋଜନା କରିଥିଲେ। ଜଗନ୍ନାଥ ସାହିତ୍ୟ ସଂସଦ ସମ୍ପାଦକ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ବ୍ରାହ୍ମଣ ସମାଜର ସଭା, କମିଟି ଗଠିତ

ବଡ଼ଗାଁ, ୨୮।୨ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅନୁଶୀଳନି ବ୍ରହ୍ମପୁରା (ବ୍ରାହ୍ମଣ) ସମାଜର ବାର୍ଷିକ ସଭା ଓ ନୂତନ କମିଟି ଶନିବାର ଗଠନ କରାଯାଇଛି। ଏହି ସଭାରେ ଅଞ୍ଚଳର ୧୯ଟି ଗ୍ରାମର ବ୍ରାହ୍ମଣ ଯୋଗଦେଇଥିଲେ। ପ୍ରାୟ ୫ଶହ ପରିବାର ମୁଖ୍ୟ ଏହି ସାମାଜିକ ସଙ୍ଗଠନରେ ସଦସ୍ୟ ଅଛନ୍ତି। ଆୟୋଜିତ ସଭାକୁ ସମାଜର ସଭାପତି ଉପାଧ୍ୟାୟ ପାଣିଗ୍ରାହୀ ପରିଚାଳନା କରିଥିଲେ। ସଭା ଆରମ୍ଭରେ ଦିବଙ୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ଦିନରେ ପଞ୍ଚରାରେ ମାଆ, ବାପା ଛେଉଣ୍ଡ ମେଧାବୀ ନାବାଳିକା ଦୁଇ ଝିଅଙ୍କୁ ମାର୍ଗଦର୍ଶନ ଓ ସାହାଯ୍ୟର ପ୍ରତିଶ୍ରୁତି ଦେଇ ତାଙ୍କର କାକାଙ୍କୁ ହସ୍ତାନ୍ତର କରାଗଲା ବୋଲି ସହମତି ପ୍ରକାଶ ପାଇଥିଲା। ଆସନ୍ତା ୩ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ଉପାଧ୍ୟାୟ ପାଣିଗ୍ରାହୀ, ସମ୍ପାଦକ ପଦ୍ମନାଭ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁଧିର ନାୟକ, ଉପସଭାପତି ଭାବେ ପରମାନନ୍ଦ ପାଣିଗ୍ରାହୀ, ନିରଞ୍ଜନ ପୁରୋହିତ, ପିତାମ୍ବର ତ୍ରିପାଠୀ, ସହସମ୍ପାଦକ ସୁଧିର ବିଶି, ସତ୍ୟବାନ ବିଶି, କିଶୋର ବିଶିଙ୍କୁ ମନୋନୀତ କରାଯାଇଛି। ସଭାରେ ବଡଗାଁ, ବରପାଲି, ଚାରପାଲି, ଏକମା, ସାଲବିରା ଆଦି ଗ୍ରାମର ସମାଜ ଲୋକେ ଯୋଗ ଦେଇଥିଲେ। ଶେଷରେ ପଦ୍ମଲୋଚନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## ରାସ୍ତା ଖୋଳିବା ପରେ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର,୨୮।୨(ବ୍ୟୁରୋ)

### ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟ

■ ଅନୁମତି ନେଇ ନାହାନ୍ତି :ପୂର୍ତ୍ତ ବିଭାଗ

ସମ୍ବଲପୁର ମହାନଗର ନିଗମ ଅଧୀନ ମାନେଶ୍ୱର-ଜୟନ୍ତପୁର ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ତାର ଟଣାଯାଉଛି। ତାର ଟାଣିବା ଆରମ୍ଭରୁ ଠିକା କମ୍ପାନୀ ବିରୋଧର ସମ୍ମୁଖୀନ ହେଉଥିଲେ। ବିନା ଅନୁମତିରେ ରାସ୍ତା ପାର୍ଶ୍ୱରେ ଖୁଣ୍ଟ ପୋତିବା ସହ ମୂଲ୍ୟବାନ ଗଛଗୁଡିକ କାଟି ପକାଇଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ହେଲେ ପୂର୍ତ୍ତ ବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ରବିବାର ଠିକା କମ୍ପାନୀ ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ମିର୍ଗାମୁଣ୍ଡା ନିକଟରେ ଖୋଳି ଦେବା ପରେ କାର୍ଯାନଷ୍ଠାନ ଗ୍ରହଣ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ବି.ବି .ମହାନ୍ତି କାମ ବନ୍ଦ କରି ଦେଇଥିଲେ। ଏହାସହ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଏନେଇ ସୂଚନା ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ମହାନ୍ତି କହିଛନ୍ତି ଯେ, ଆମ ବିଭାଗ ପକ୍ଷରୁ କୌଣସି ଅନୁମତି ନିଆଯାଇନାହିଁ। ତେଣୁ କାମକୁ ବନ୍ଦ କରି ଦିଆଗଲା। ତେବେ ସେ ଘଟଣାସ୍ଥଳ ପରିଦର୍ଶନ କରି ଯିବା ପରେ କାମ ହୋଇଥିବା ଜାଣିବାକୁ ମିଳିଛି।

## ଜୀବନ ଶୈଳୀରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ

ନାକଟିଦେଉଳ,୨୮।୨(ଡ଼ି.ଏନ.ଏ.)

### ଆଦିବାସୀ କଲ୍ୟାଣ ସଂଘର ବୈଠକ

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦର ମହକୁମାସ୍ଥିତ ହାଟପଦାଠାରେ ରବିବାର ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜଗନ୍ନାଥ ଦେହୁରୀ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘକୁ ତୃଣମୂଳ ସ୍ତରରୁ ଦୃଢୀଭୂତ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସାଧାରଣ ସଂପାଦକ ଅକ୍ଷୟ ଭୋଇ, ଜିଲା ଉପସଭାପତି ଯୁବରାଜ ଭୋଇ ଏବଂ ନାକଟିଦେଉଳ, ରେଢାଖୋଲ, ଯୁଯୁମୁରା ବ୍ଲକର ପ୍ରଭାରୀ ରୋହିତ ଭୋଇ ପ୍ରମୁଖ ଯୋଗଦେଇ ସଂଘର ନୀତି, ଆଦର୍ଶ ଏବଂ ସାଙ୍ଗଠନିକ କାର୍ଯ୍ୟକଳାପ ସଂପର୍କରେ ମତ ଉପସ୍ଥାପନ କରିଥିଲେ। ବୈଠକରେ ଆଦିବାସୀମାନଙ୍କୁ ଦେଶର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କୁ ଏକ ସୁଦୃଢ଼ ଜୀବନ ଶୈଳୀ ଦେବା ପାଇଁ ଅଧିକ ସହାୟତା ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା। ନାକଟିଦେଉଳ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଆଉ ବରଦାସ୍ତ କରାଯିବ ନାହିଁ । ଏଥିସହିତ ଆଦିବାସୀ ଗ୍ରାମଗୁଡିକର ବିକାଶ ପାଇଁ ପ୍ରଶାସନ ନିକଟରେ ଉପଯୁକ୍ତ ଦାବି ଉପସ୍ଥାପନ କରାଯିବା, ଆଦିବାସୀଙ୍କ ପୁରାତନ ସଂସ୍କୃତି, ପୂଜା ପଦ୍ଧତି ଓ ଶିକ୍ଷା ସଭ୍ୟତା ଅକ୍ଷୁର୍ଣ୍ଣ ରଖିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି ଅବସରରେ ବ୍ଲକ ଶାଖାର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଜଗନ୍ନାଥ ଦେହୁରୀ, ଉପସଭାପତି ଘୋଷରାମାଳ ସରପଞ୍ଚ ଅମୃତ ପାନ୍ନା, ସାଧାରଣ ସଂପାଦକ ଭାବେ ବେନେଦୀକ ଲାକ୍ରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଏଥିରେ ବରିଷ୍ଠ ଆଦିବାସୀ ସଂଗଠକ ମହେନ୍ଦ୍ର କୁଅଁର, ଜାହ୍ନବୀ କୁମୁରା , ଇନ୍ଦୁମତି ଧରୁଆ, ଜନ କୁଲୁ, ଆଇରୁସ ଲାକ୍ରା, ବାବୁଲି ବିଶି, ଗୌତମ ପୁଲେଇ ଏବଂ ଏନ. ଧରୁଆଙ୍କ ସମେତ ନାକଟିଦେଉଳ, ସାଲେଭଟା, କିସିଣ୍ଡା, ପାଣିମୁରା, ଢ଼ଇଁଚା, ଘୋଷରାମାଳ, ସାହେବୀ ଆଦି ପଞ୍ଚାୟତର ବହୁ ଆଦିବାସୀ ଯୋଗ ଦେଇଥିଲେ।

## ପିସ୍ତଲ ଦେଖାଇ ଲୁଟିନେଲେ ସୁନାଗହଣା

କେସିଙ୍ଗା,(ଡି.ଏନ.ଏ.): କେସିଙ୍ଗା ଥାନା ଉତକେଲା ଫାଣ୍ଡି ଅଧୀନ ବଙ୍ଗଳା ପଡାଠାରେ ଉତକେଲା ହୋମିଓପାଥିକ ଡାକ୍ତରଙ୍କ ଘରୁ ପିସ୍ତଲ ଦେଖାଇ ସୁନା ଗହଣା ଶନିବାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ହୋମିଓପାଥି ଡାକ୍ତରାଣୀ ରଶ୍ମିତା ମିଶ୍ର ଘରେ ଏକୁଟିଆ ଦେଖି ଜଣେ ଅଜଣା ବ୍ୟକ୍ତି ଔଷଧ ମାଗିଥିଲେ । ମିଶ୍ର ମୁଁ ପୂଜାରେ ବ୍ୟସ୍ତ ଅଛି ବୋଲି କହିବାରୁ ପିଇବା ପାଇଁ ପାଣି ମାଗିଥିଲେ । ଏହି ସୁଯୋଗ ଦେଖି ଘର ଭିତରକୁ ପଶି ଯାଇ ମିଶ୍ରଙ୍କ ମୁଣ୍ଡରେ ପିସ୍ତଲ ଦେଖାଇ ଘରେ ଥିବା ସୁନା, ରୂପା ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଚୋର ଜାତୀୟ ରାଜପଥରେ ଜଣେ ବାଇକ ଆରୋହୀଙ୍କଠାରୁ ମଧ ବାଇକ ଲୁଟି ନେଇଥିବା ଉତକେଲା ଓ କେସିଙ୍ଗା ଥାନାରେ ଦୁଇଟି ଅଭିଯୋଗ ହୋଇଛି ।

## ସଂକ୍ଷେପରେ

### ଚାନ୍ଦା ମାଗି ନକଲି ମାଓବାଦୀ ଗିରଫ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.): ଭବାନୀପାଟଣା ସହରର ଜଣେ ବ୍ୟବସାୟୀଙ୍କୁ ଲକ୍ଷେ ଟଙ୍କା ଚାନ୍ଦା ମାଗି ଜଣେ ନକଲି ମାଓବାଦୀ ଗିରଫ ହୋଇଛି। ପୋଲିସ ରାୟଗଡା ଜିଲା ବିଷମକଟକ ଥାନା ଝିଗିରି ଗ୍ରାମର ପୁରନ୍ଦର ପିଡିକ୍କା (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଆହୁରି ୩ ନକଲି ମାଓବାଦୀ ସମ୍ପୃକ୍ତ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଭବାନୀପାଟଣା ବୈଶାଳୀ ମିନେରାଲ ପାଣି ବ୍ୟବସାୟୀ ସୁଧୀର ଜୈନଙ୍କୁ ଗତ ୯ ତାରିଖରେ ଏକ ଫୋନ ଆସିଥିଲା। ଏଥିରେ ଜଣେ ଅଜଣା ବ୍ୟକ୍ତି ମାଓବାଦୀ କହି ଲକ୍ଷେ ଟଙ୍କା ଚାନ୍ଦା ମାଗିଥିଲେ। ପୁନର୍ବାର ୧୧ ତାରିଖରେ ଫୋନ କରି ଚାନ୍ଦା ନ ଦେଲେ ପରିଣାମ ଭୟାବହ ହେବ ବୋଲି ଚେତାବନୀ ଦେଇଥିଲେ। ବ୍ୟବସାୟୀ ସୁଧୀର ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଖାଦ୍ୟ ନିରାପତ୍ତା ମିଶନ କ୍ଷେତ୍ର ଦିବସ ପାଳିତ

ଡୁଙ୍ଗୁରିପାଲି, ୨୮।୨(ଡି.ଏନ୍.ଏ.) ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ପଞ୍ଚାୟତ ବନ୍ୟା ଆଶ୍ରୟସ୍ଥଳୀରେ ରବିବାର କୃଷି ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନ କ୍ଷେତ୍ର ଦିବସ ପାଳନ କରାଯାଇଛି। ସମିତି ସଭ୍ୟ ବିଶ୍ୱନାଥ ମେହେର, ସାମାଜିକ କର୍ମୀ ଦୀନବନ୍ଧୁ ସୁନା, ସତ୍ୟବାନ ମେହେର, ଗୋଷ୍ଠୀ କୃଷି ଅଧିକାରୀ ଡିଲରଞ୍ଜନ ମହାଲିକ, କ୍ଷେତ୍ର ପରିଦର୍ଶକ ମାଧବ ତ୍ରିପାଠୀ, ଭିଏଲଡବ୍ଲ୍ୟୁ ସ୍ୱାଧୀନ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ର ପରିଦର୍ଶକ ମାଧବ ତ୍ରିପାଠୀ ହରଡ, ମୁଗ, ବିରି ଓ ବୁଟ ଡାଲି ଜାତୀୟ ଫସଲରୁ ଚାଷୀମାନେ କିପରି ଲାଭବାନ ହୋଇ ପାରିବେ ତାହା ଉପରେ କହିଥିଲେ।

### ବିଧାନସଭାରେ ଉଠିଲା ଲୋଇସିଂହା ଏନ୍ଏସି ମାନ୍ୟତା ପ୍ରସଙ୍ଗ

ଲୋଇସିଂହା,୨୮।୨(ଡି.ଏନ.ଏ): ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନ କ୍ରମେ ବ୍ଲକ ଅଫିସ ଆଗରେ ଗତ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଜାରି ରହିଛି । ଏହି ସମୟରେ ଓଡିଶା ବିଧାନ ସଭାରେ ଉଠିଛି ଏହି ପ୍ରସଙ୍ଗ। ବଲାଙ୍ଗୀର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ତଥା ନରସିଂହ ମିଶ୍ର ବିଧାନ ସଭାରେ ଗୃହରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଲୋଇସିଂହାକୁ ଏନଏସି ମାନ୍ୟତା ଦେବା ପାଇଁ ସ୍ଥାନୀୟ ଅଧିବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଗତକିଛିଦିନ ହେଲା ବିଭିନ୍ନ ସଂଗଠନ ପକ୍ଷରୁ ବ୍ଲକ ଆଗରେ ଗଣଧାରଣା ଚାଲିଛି। ଏନଏସି ପାଇଁ ଲୋଇସିଂହାରେ ସମସ୍ତ ଯୋଗ୍ୟତା ରହିଛି। ଲୋକମତକୁ ସମ୍ମାନ ଦେଇ ସରକାର ଅବିଳମ୍ବେ ବିଚାର କରିବା ଉଚିତ ବୋଲି ସେ କହିଛନ୍ତି। ଗତ ଶନିବାର ଓ ରବିବାର ସରକାରୀ ଛୁଟିଥିବାରୁ ଧାରଣା ସ୍ଥଗିତ ରହିଥିଲା। ସୋମବାର ପୁଣି ଧାରଣା ଜାରି ରହିବ ବୋଲି ଆବାହକ ସରୋଜ ବିଶ୍ୱାଳ କହିଛନ୍ତି। ଦାବି ହାସଲ ଯାଏ ଏହି ଆନ୍ଦୋଳନ ଚାଲୁ ରହିବ। ସରକାର ଶୀଘ୍ର ପଦକ୍ଷେପ ନ ନେଲେ ଭିନ୍ନଭିନ୍ନ ଉପାୟରେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ ।

### ସଙ୍ଗୀତଜ୍ଞ ବାଳକୃଷ୍ଣଙ୍କ ସ୍ମୃତିଚାରଣ

ସୋନପୁର,୨୮।୨(ନି.ପ୍ର.): ସୋନପୁର ଭୀମ ଭୋଇ କଳାମଣ୍ଡପଠାରେ ବାଳକୃଷ୍ଣ ଦାଶ(୭୧)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱଗତ ଦାଶ ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ ଆକାଶବାଣୀ ଓ ଦୂରଦର୍ଶନରେ ମାନ୍ୟତାପ୍ରାପ୍ତ ଗୀତିକାର ଥିଲେ। ବିଭିନ୍ନ ସମ୍ବଲପୁରୀ ଭଜନ ପ୍ରସ୍ତୁତ କରି ସେ ଶ୍ରୋତାଙ୍କ ହୃଦୟ ଜିଣି ପାରିଥିଲେ। ତାଙ୍କର ଗୀତକୁ ସୋନୁ ନିଗମ ଓ ସୁରେଶ ୱାଡେକରଙ୍କ ଭଳି ପ୍ରସିଦ୍ଧ କଣ୍ଠଶିଳ୍ପୀ ସ୍ୱର ଦେଇଥିଲେ। ଶୁକ୍ରବାର ବରଗଡରେ ତାଙ୍କର ପରଲୋକ ହୋଇଯାଇଛି। ସୋନପୁରରେ ଅନୁଷ୍ଠିତ ଶୋକସଭାରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀ, ପ୍ରଯୋଜକ ଆଶୁତୋଷ ପୂଜାହାରୀ, ନିର୍ଦ୍ଦେଶକ ତଥା ଅଭିନେତା ସୁରେଶ ପ୍ରସାଦ ରଥ, ନିର୍ଦ୍ଦେଶକ ଚନ୍ଦନ ଦତ୍ତା, ସ୍ୱାଗତ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଉଦ୍‌ଘୋଷକ କୁନୁ ଖାନ୍, ଆଶୁତୋଷ ଦାଶ, କଳାକାର ଶିବରାମ କର୍ଣ୍ଣ, ନୃତ୍ୟଶିଳ୍ପୀ ସତ୍ୟ ପେରା ଓ ବୀରେନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ ।

# ଛତିଶଗଡ଼ମୁହାଁ ସୀମାନ୍ତବାସୀ

ବରଗଡ଼ ଅଫିସ୍,୨୮।୨

ଛତିଶଗଡ଼ ସୀମାନ୍ତ ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଚର୍ଦ୍ଦାପାଲି ଗ୍ରାମକୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇ ପଡ଼ିଛି। ଅଞ୍ଚଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସେବା ଠିକ୍ ଭାବେ ମିଳିପାରୁନାହିଁ। ଏଭଳି ଅଭିଯୋଗ ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ, ରାଜ୍ୟ ସରକାରଙ୍କଠାରେ ଦାବି ହୋଇଆସୁଥିଲେ ମଧ କିଛି ସୁଫଳ ମିଳିନାହିଁ। ଏଭଳି ଅଣଦେଖା ମନୋଭାବ ଯୋଗୁ ଚର୍ଦ୍ଦାପାଲି ପଞ୍ଚାୟତର ଅଧିବାସୀ ଅରକ୍ଷିତ ପ୍ରଧାନ, ଶଙ୍କର ସାହୁ, ଦଶରଥ ନାଏକ, ରକ୍ଷପାଳ ସାହୁ, ଶେଷଦେବ ନାୟକ, ଜନତା ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଶନିବାର ସନ୍ଧ୍ୟାରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସରେଇପାଲି ବିଧାୟକ କିସ୍‌ମତ ଲାଲ ନନ୍ଦଙ୍କୁ ଭେଟି ଛତିଶଗଡ଼ରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏ ନେଇ ସେମାନେ ବିଧାୟକ ନନ୍ଦଙ୍କୁ ମଧ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।



ଛତିଶଗଡ଼ ରାଜ୍ୟ ସରେଇପାଲି ବିଧାୟକଙ୍କ ସହିତ ଚର୍ଦ୍ଦାପାଲିବାସୀ ।

ସୂଚନାଯୋଗ୍ୟ, ଲଖମରା ଓ ଚର୍ଦ୍ଦାପାଲି ମଝିରେ ପ୍ରବାହିତ ଅଙ୍ଗ ନଦୀ ଉପରେ ପୋଲ ନିର୍ମାଣ, ଚର୍ଦ୍ଦାପାଲି, ଲୁହୁରାକୋଟ, ଛତିଶଗଡ଼ ସୀମା ଏବଂ ଦେବଦର୍ହା ରାସ୍ତା ନିର୍ମାଣ ଆଦି ଦାବି ନେଇ ଅଞ୍ଚଳବାସୀ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଦାବି ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ପୂର୍ବରୁ ବିଧାନସଭାରେ ମଧ୍ୟ ଅଙ୍ଗନଦୀ ପୋଲ ସମସ୍ୟା ଉପସ୍ଥାପିତ ହୋଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେହି ସମସ୍ୟାର ପ୍ରତିକାର କରାଯାଇପାରିନାହିଁ। ଅପରପକ୍ଷେ ସୀମା ବିବାଦ ନେଇ ରାଜ୍ୟ ରାଜନୀତିରେ ତାତି ବଢ଼ିଚାଲିଛି। ଏଭଳି ସମୟରେ ଚର୍ଦ୍ଦାପାଲି ପଞ୍ଚାୟତବାସୀ ଛତିଶଗଡ଼ରେ ମିଶିବା ପାଇଁ ସେଠାକାର ବିଧାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ପରେ ଜିଲାରେ ରାଜନୀତି ଉଷ୍ମ ହୋଇଛି। ଏ ସମ୍ପର୍କରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ପଚାରିବାରୁ ସେ କହିଲେ, ଚର୍ଦ୍ଦାପାଲି ଛତିଶଗଡ଼ ସୀମାନ୍ତରେ ରହିଛି। ସେହି ଅଞ୍ଚଳର ସବୁ ପ୍ରକାର ବିକାଶ ପାଇଁ ପ୍ରଶାସନ ଯୋଜନା କରୁଛି। ଚର୍ଦ୍ଦାପାଲିବାସୀ ଛତିଶଗଡ଼ରେ ମିଶିବା ପାଇଁ ସେଠାକାର ବିଧାୟକଙ୍କୁ ଭେଟିଥିବା କଥା ପ୍ରଶାସନକୁ ଜଣାଇନାହାନ୍ତି। ଏହା ସତ୍ୟ ନା ମିଥ୍ୟା ତଦନ୍ତ କରାଯିବ ବୋଲି ଦରୱାନ କହିଥିଲେ।

# କୋଭିଡ ଟିକା ଜନଜାଗରଣ ପାଇଁ ମାରାଥନ



ମିନି ମାରାଥନ୍‌ର କୃତୀ ପ୍ରତିଯୋଗୀଙ୍କ ସହ ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟ ଅତିଥି ।

ବଲାଙ୍ଗୀର ଅଫିସ, ୨୮।୨

ବଲାଙ୍ଗୀର ମାରୱାଡି ମହିଳା ସମିତି ଶାଖା ପକ୍ଷରୁ ରବିବାର ସକାଳେ କୋଭିଡ୍ ଟୀକାକରଣ ଜନ ଜାଗରଣ ପାଇଁ ଏକ ମିନି ମାରାଥନ ଦୌଡ ଆୟୋଜନ କରାଯାଇଥିଲା। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରୁ ଆରମ୍ଭ ହୋଇଥିବା ଏହି ମାରାଥନ୍‌ରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ମାରାଥନ୍‌କୁ ପ୍ରଖ୍ୟାତ୍ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମାରାଥନ୍ ସହର ପରିକ୍ରମା କରି କୋଶଳ କଳାମଣ୍ଡଳ ପଡିଆକୁ ଫେରିଥିଲେ। ଏଥିରେ ଏନ୍‌ସିସି କେଡେଟ୍ କଲେଜ ଏବଂ ସ୍କୁଲର ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ଭାଗ ନେଇଥିଲେ। ମାରାଥନରେ ୧୦ରୁ ୧୫ ବର୍ଷ, ୧୫ରୁ ୩୫ ବର୍ଷ ଏବଂ ୩୫ରୁ ଉର୍ଦ୍ଧ୍ୱ ତିନୋଟି ବର୍ଗରେ ପ୍ରତିଯୋଗିତା ହୋଇଥିଲେ। ପ୍ରତ୍ୟେକ ବର୍ଗରୁ ଦଶ ଜଣ ପ୍ରଥମେ ଆସିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଜିଲାପାଳ ଚଞ୍ଚଳ ରଣା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ମାରୱାଡି ମହିଳା ସମିତି ଅଧ୍ୟକ୍ଷା ନିରୁ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ । ମାରୱାଡି ସମ୍ମେଳନ ଅଧ୍ୟକ୍ଷ ମହେନ୍ଦ୍ର ଅଗ୍ରୱାଲ, ଯୁବ ମଞ୍ଚ ଅଧ୍ୟକ୍ଷ ଅମିତ ଚୌଧୁରୀ, ପ୍ରଫୁଲ୍ଲ ବେହେରା ଉପସ୍ଥିତ ଥିଲେ। ସମ୍ମେଳନ ସମ୍ପାଦକ ମୋହନ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ବିଷ୍ଣୁ ପ୍ରସାଦ କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯାଦବ ମହାସଭାର ସାଙ୍ଗଠନିକ ବୈଠକ

ମୁରିବାହାଲ, ୨୮।୨ (ଡି.ଏନ.ଏ)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯାଦବ ମହାସଭାର ସାଙ୍ଗଠନିକ ବୈଠକ ରବିବାର ସ୍ଥାନୀୟ ଯାଦବ ଭବନଠାରେ ପାଳିତ ହୋଇଯାଇଛି। ବ୍ଲକ ସଭାପତି ତୀର୍ଥ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଯାଦବ ସମାଜ ଲିଗାଲ ସେଲ୍ ରାଜ୍ୟ ସଭାପତି ମନୋଜ କୁମାର ହାତୀ, ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ଶିକ୍ଷକ ସ୍ୱପ୍ନେଶ୍ୱର ମହାକୁର ବୈଠକରେ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ଯାଦବଙ୍କୁ ପରିଚୟ ପତ୍ର ଦେବା ସହ ଆସନ୍ତା ଏକ ମାସ ମଧ୍ୟରେ ସମାଜର ନିୟମ ଅନୁଯାୟୀ ପ୍ରତି ଗ୍ରାମରୁ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯିବା ଉପରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଅନ୍ଧ



ବୈଠକରେ ଯୋଗଦେଇଥିବା ଯାଦବ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ।

**ପ୍ରତ୍ୟେକ ଯାଦବଙ୍କୁ ଦିଆଯିବ ପରିଚୟ ପତ୍ର**

ବିଶ୍ୱାସ, କୁସଂସ୍କାରରୁ ଦୂରେଇ ରହି ସମାଜର ଭାଇଭଉଣୀମାନେ କିପରି ଅଧିକ ସଂଖ୍ୟାରେ ଶିକ୍ଷିତ ହୋଇ ପାରିବେ ତାହା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଯାଦବ ସମାଜର ପ୍ରତିନିଧିତ୍ୱ ଯେପରି ଅଧିକ ରହିବ ସେ ଦିଗରେ ସମାଜର ଲୋକେ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ତେଜରାମ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତର ସଭାପତି, ସମ୍ପାଦକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହିମାଂଶୁ ଜାଲ, ସୁବାଷ ପୋଢ଼, ଜୟମାଳ ସେଲମା, ରାଜକୁମାର ବାଗ, କୁନ୍ତି ପୋଢ଼, ମଧୁସୂଦନ ନାଗ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ସାଧାରଣ ସମ୍ପାଦକ ତରୁଣ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡୁଙ୍ଗୁରିପାଲି ଲାୟନ୍ସ କ୍ଲବ ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୨୮।୨(ଡି.ଏନ୍.ଏ.)

ଡୁଙ୍ଗୁରିପାଲି ଲାୟନ୍ସ କ୍ଲବ ଗଠିତ ହୋଇଛି। ସ୍ଥାନୀୟ ମିଳନ ମୋଟର୍ସଠାରେ ନୂତନ କ୍ଲବର କ୍ଲବକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି ବେଣୁଧର ଦୋରା। ପାଟଣାଗଡ ଲାୟନ୍ସ କ୍ଲବ ସବାପତି ଶ୍ରୀକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଦୋରା ସମସ୍ତ ସଭ୍ୟାସଭ୍ୟ ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଲାୟନ୍ସ ମ୍ୟାନେଜର ଚିତ୍ତରଞ୍ଜନ ଦାଶ ଯୋଗଦେଇ କ୍ଲବର ଅଭିବୃଦ୍ଧି, ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ। ରେଖା ବନସଲ, ପ୍ରଦୀପ ବନସଲ, ମନୋଜ ନନ୍ଦ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ଡୁଙ୍ଗୁରିପାଲି ଲାୟନ୍ସ କ୍ଲବ ସଭାପତିଭାବେ ବିଜୟ ଦାସଙ୍କୁ କ୍ଲବର ପ୍ରମାଣ ପତ୍ର ମୁଖ୍ୟ ଅତିଥି ଦୋରା ପ୍ରଦାନ କରିଥିଲେ। ଉପସଭାପତି ଦୁର୍ବାଷା ବେହେରା, ସମ୍ପାଦକ ମୁକୁନ୍ଦ ମେହେର, କୋଷାଧ୍ୟକ୍ଷ ସୁନୀଲ ମିତ୍ତଲଙ୍କୁ ଦୋରା ଶପଥ ପାଠ କରାଇଥିଲେ ।

# ଆଇନ ସଚେତନତା କର୍ମଶାଳା

ମୁରିବାହାଲ, ୨୮।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ତାଲୁକା ଆଇନ ସେବା ପ୍ରାଧିକରଣ ତରଫରୁ ରବିବାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ତାଲୁକସ୍ତରୀୟ ଆଇନ ସଚେତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ଓକିଲ ସଂଘ ସଭାପତି ଜୟଦେବ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ତାଲୁକା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଲୋକନାଥ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ଆଇନ, ସରକାରଙ୍କ କଟକଣା ନିର୍ଦ୍ଦେଶାବଳୀ ଓ ଆଇନ ସମ୍ବନ୍ଧୀୟ ସଚେତନତା ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଘଣ୍ଟବାହାଲ ଓ ମୁରିବାହାଲ ଜନସାଧାରଣ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଦାମ ଚରଣ ବଘାର, ଶିକ୍ଷୟିତ୍ରୀ ଗୁଡି ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶମ୍ଭୁପ୍ରସାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜାଦ୍ କ୍ରିକେଟ୍ କ୍ଲବ ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ଦେଓଗାଁ, ୨୮।୨(ଡି.ଏନ.ଏ)

ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝର ଶ୍ରୀରାମଚନ୍ଦ୍ର ଖେଳପଡିଆରେ ଚାଲିଥିବା ଆଜାଦ କ୍ରିକେଟ କ୍ଲବର ରଜତ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । କମିଟି ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର ଯୋଗଦେଇ କ୍ରୀଡାକୁ ବଞ୍ଚାଇ ରଖିବା ସହ ଏ କ୍ଷେତ୍ରରେ ଏକ ମହୋତ୍ସବ ପାଳନ କରିବା ନିଆରା କଥା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ସୁଶୀଲ କୁମାର ଚାନ୍ଦ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, କୁତୁର୍ଲା ପଞ୍ଚାୟତ ସମିତି ସଭ୍ୟା ରଞ୍ଜୁ ଭୋଇ ଯୋଗଦେଇଥିଲେ । କମିଟି ସମ୍ପାଦକ ପ୍ରଦୀପ କୁମାର ପଧାନ ଅତିଥି ପରିଚୟ ପ୍ରଦାନ ଓ ରିଣ୍ଟୁ ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଅବନୀକାନ୍ତ ପଧାନଙ୍କ ପରିଚାଳନାରେ



ଅତିଥିଙ୍କ ଗହଣରେ ଚାମ୍ପିୟନ କରୁଆଁଝର ଦଳ।

**କରୁଆଁଝରକୁ ଟାଇଟଲ**

ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋଇସିଂହାର ଶଙ୍କର ବେହେରା ଓ ସାଥୀଙ୍କ ଦ୍ୱାରା ଦୁଲଦୁଲି ସମେତ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ନୃତ୍ୟ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ସମାପନରେ ପରିଚାଳନା କମିଟି ଉପସଭାପତି ଚୈତନ୍ୟ ପଟେଲ, କୋଷାଧ୍ୟକ୍ଷ ମଦନମୋହନ ପଧାନ, ଉପଦେଷ୍ଟା ରାଜପ୍ରତାପ ସିଂଦେଓ ସହଯୋଗ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ଉଙ୍ଗରପଡା ଓ କରୁଆଁଝର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଆଜାଦ କ୍ରିକେଟ କ୍ଲବ କରୁଆଁଝର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଅତିଥିବୃନ୍ଦ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

# ବରକୁ ବନ୍ଧକ ରଖିଲେ ଗାଁ ଯୁବକ

ବୌଦ୍ଧ,୨୮।୨(ସ୍ୱ.ପ୍ର.)

ବରଯାତ୍ରୀଙ୍କ ମଧ୍ୟରୁ କେତେଜଣ ଯୁବକଙ୍କ ଦୁର୍ବ୍ୟବହାର ପାଇଁ ଶେଷରେ ବନ୍ଧକ ରହିଲେ ବର। ଏଭଳି ଅଭିଯୋଗ ପାଇ ବୌଦ୍ଧ ଆଦର୍ଶ ଥାନା ପୋଲିସ ବରକୁ ଉଦ୍ଧାର କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ରବିବାର ବୌଦ୍ଧ ବ୍ଲକ ବରଝୁଲି ଅଞ୍ଚଳର ଜଣେ ଯୁବକ ବିବାହ ପାଇଁ ବରଯାତ୍ରୀ ଗହଣରେ ହରଭଙ୍ଗା ବ୍ଲକ ମହିବାହାଲ ଗାଁକୁ ଯାଇଥିଲେ। ବିବାହ ଶୋଭାଯାତ୍ରାରେ ବରଯାତ୍ରୀ ଦଳର କେତେକ ଯୁବକ କନ୍ୟାଘର ଗାଁର ଅନ୍ୟ କେତେଜଣଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଫଳରେ କନ୍ୟାଘର ଗାଁର ସମ୍ପୃକ୍ତ ଯୁବକମାନେ ବରଯାତ୍ରୀ ଦଳର ସେହି ଯୁବକଙ୍କୁ ଖୋଜି କରିଥିଲେ। ହେଲେ ସେମାନେ ଫେରାର ହୋଇଯାଇଥିବାରୁ ସେମାନେ ବରକୁ ବନ୍ଧକ ରଖିଥିଲେ। ବିବାହ ଶେଷ ପରେ ମଧ ଯିବାକୁ ଦେଇ ନ ଥିଲେ। କନ୍ୟାଘର ପକ୍ଷରୁ ଅଭିଯୋଗ ପାଇ ବରକୁ ଉଦ୍ଧାର କରିଥିବା ଥାନା ଅଧିକାରୀ ତପସ୍ୱିନୀ କହଁର କହିଛନ୍ତି ।

# ବିଜେଡିର ଜୀବନବିନ୍ଦୁ ଅଭିଯାନ



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଥିବା ବେଳେ ଅନ୍ୟମାନଙ୍କ ସହ ଉପସ୍ଥିତ ମନ୍ତ୍ରୀ ଟୁକୁନୀ ସାହୁ।

ଟିକ୍ରାପଡା, ୨୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧୀନ ଛନଛଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଜୁ ଜନତା ଦଳ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ରବିବାର ସମ୍ପନ୍ନ ହୋଇଛି । ଏଥିରେ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଦୀଲିପ ରାଜପଲିଆ, ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ, ରାଜକିଶୋର ଡାଙ୍ଗ, ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଆଇନଜୀବୀ ଟୁନୁ ରାଜପଲିଆ ଉପସ୍ଥିତ ଥିଲେ । ଏହି ଅବସରରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ପୁରୁଷୋତ୍ତମ ପଣ୍ଡା, ସ୍ୱପ୍ନା ବାଗ, ଉଗ୍ରସେନ ବୁଡେକ, ସୁରନ ରଣା, ରଶ୍ମିରଞ୍ଜନ ବାଗ, ଉର୍ମିଳା ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

# ଖପ୍ରାଖୋଲ ବ୍ଲକ: ଆରମ୍ଭ ହେଲା କେନ୍ଦୁପତ୍ର ଗୋଛାକଟା

ଖପ୍ରାଖୋଲ, ୨୮।୨(ଡି.ଏନ.ଏ)

କେନ୍ଦୁପତ୍ର କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଛି କେନ୍ଦୁପତ୍ର ଗୋଛାକଟା କାମ। ସବୁଜ ହୀରାଭାବେ ପରିଚିତ କେନ୍ଦୁପତ୍ର ପ୍ରତିବର୍ଷ ରାଜ୍ୟ ରାଜକୋଷକୁ କୋଟିକୋଟି ଟଙ୍କା ଦେଉଥିବାବେଳେ ଶ୍ରମିକମାନଙ୍କୁ ମଧ୍ୟ ଗୋଛାକଟା, କେନ୍ଦୁପତ୍ର ତୋଳା ଏବଂ ବନ୍ଧେଇ ସମୟରେ ରୋଜଗାର ଦେଇଥାଏ। ହେଲେ କେନ୍ଦୁପତ୍ର କର୍ମଚାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବିଳମ୍ବରେ ଗୋଛାକଟା କାମ ଆରମ୍ଭ ହୋଇଛି । କର୍ମଚାରୀ ସଂଘ ତରଫରୁ ୨୦ ଦଫା ଦାବି ରହିଥିବାବେଳେ ବଲାଙ୍ଗୀର କେନ୍ଦୁପତ୍ର ବିଭାଗ ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର ସଂଘକୁ ଡାକି ଆଲୋଚନା ପରେ ଗୋଛା କାଟିବାକୁ ସଂଘ ନିଷ୍ପତ୍ତି ନେଇଥିବା ସଂଘ



ରାଜ୍ୟ ଉପସଭାପତି କିଶୋର କୁମାର ପରିଛା ପ୍ରକାଶ କରିଛନ୍ତି। ଦାବିଗୁଡିକ ଠିକ୍ ସମୟରେ ପୂରଣ ନ ହେଲେ ପୁଣିଥରେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ବ୍ଲକର ସବୁ ଗାଁରେ କେନ୍ଦୁପତ୍ର ଗୋଛାକଟା ଆରମ୍ଭ ହୋଇଥିବା ଧଣ୍ଡାମୁଣ୍ଡା ରେଞ୍ଜ ଅଧିକାରୀ ସୁଦାମ ମିର୍ଦ୍ଧା କହିଛନ୍ତି।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

କେସିଙ୍ଗା, ୨୮।୨ (ଡି.ଏନ.ଏ.)

କେସିଙ୍ଗା ଜଗନ୍ନାଥପଡାରେ ରହୁଥିବା ଶିକ୍ଷାବିତ ତଥା କେସିଙ୍ଗା ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ବାରିକ (୮୨)ଙ୍କ ରବିବାର ପରଲୋକ ଘଟିଛି। ତେଲନଦୀ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ବିକ୍ରମ କେଶରୀ ବାରିକ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ଛାତ୍ର ତଥା ଗଜପତି ଜିଲାପାଳ ଅନୁପମ ସାହା, ସଞ୍ଜିବ ଅଗ୍ରୱାଲ, ବୃନ୍ଦାବନ ସାଂସ୍କୃତିକ ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାସ, ଏପିପି ପ୍ରକାଶ ଦାସ, ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରସନ୍ନ ଲେଙ୍କା, ପୂର୍ବତନ ଉପନଗରପାଳ ସୂର୍ଯ୍ୟ ଦାସ, ଉମାଶଙ୍କର ସାହୁ, ଟାଉନ ବିଜେଡି ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଧାନବିକ୍ରି ଅନିୟମିତତା ଘୁମର ଫିଟୁଛି

ବରଗଡ଼ ଅଫିସ୍,୨୮।୨

- ୫ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ଧାନ ଉଠା ନ ଗଲେ ୫ରୁ ଅନଶନ

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଧାନ ଉଠାଣ ଦାବିରେ ଚାଷୀଙ୍କ ଆନ୍ଦୋଳନ ରବିବାର ୧୮ଦିନରେ ପହଞ୍ଚିଛି। ପଦ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଧାରଣା ଅବ୍ୟାହତ ରଖିଛନ୍ତି। ଆସନ୍ତା ୫ତାରିଖରୁ ସେମାନେ ଅନଶନରେ ବସିବେ ବୋଲି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏହାସତ୍ତ୍ୱେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନରେ ପଡ଼ି ରହିଥିବା ପ୍ରାୟ ୨ଲକ୍ଷ ୪୭ହଜାର କ୍ୱିଣ୍ଟାଲ ଧାନ ଉଠାଣ ଦିଗରେ ପ୍ରଶାସନିକ ତତ୍ପରତା ଦେଖାଯାଉ ନାହିଁ। ଅନ୍ୟପଟେ ଧାନବିକ୍ରି ଅନିୟମିତତା ଅଭିଯୋଗରେ ପଦ୍ମପୁର ଉପଖଣ୍ଡରେ କାର୍ଯ୍ୟରତ ଜଣେ ପରେ ଜଣେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗତ ୨୪ତାରିଖରେ ଏହି ଉପଖଣ୍ଡ ଅନ୍ତର୍ଗତ ଲଖମରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ସମ୍ପାଦକ ଅମୂଲ୍ୟ ବେହେରା, କିରାଣୀ ଦିଲୀପ କୁମାର ସୁନାନୀ ଏବଂ ସହକାରୀ ଜିଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ଅଗ୍ରୱାଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଲଖମରା ପ୍ୟାକ୍ସରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ବୁଲୁ ଅନନ୍ତଙ୍କୁ ବହିଷ୍କୃତ କରାଯାଇଥିଲା। ଏହାର ୨ଦିନ ପରେ ପଦ୍ମପୁରର ସହକାରୀ ସମବାୟ ନିବନ୍ଧକ (ଏଆର୍‌ସିଏସ୍) ସଞ୍ଜୟ କୁମାର ତ୍ରିପାଠୀ ଏବଂ ଆରଏମ୍‌ସି ସମ୍ପାଦକ ଧର୍ମେନ୍ଦ୍ର ଭୋଇଙ୍କୁ ନିଲମ୍ବିତ କରାଯାଇଛି। ଏଭଳି କାର୍ଯ୍ୟାନୁଷ୍ଠାନ ପରେ ପଦ୍ମପୁରରେ ଧାନବିକ୍ରିରେ ଏକ ବଡ଼ ଧରଣର ଅନିୟମିତତା ହୋଇଥିବା ସ୍ପଷ୍ଟ ହେବାରେ ଲାଗିଛି। ତେବେ ସେଠାକାର ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ପୃକ୍ତ ପ୍ରାୟତଃ ଅଧିକାରୀମାନେ ନିଲମ୍ବିତ ହୋଇସାରିଲେଣି। ଫଳରେ ପଦ୍ମପୁରରେ ବିକ୍ରି ନ ହୋଇ ପଡ଼ିଥିବା ଧାନ ଉଠିବା ନେଇ ଅନିଶ୍ଚିତତା ଲାଗି ରହିଛି। ଏଭଳି ପରିସ୍ଥିତିରେ ଚାଷୀଙ୍କ ଆନ୍ଦୋଳନ ଆଗକୁ ଆହୁରି ବିସ୍ଫୋରକ ମୋଡ଼ ନେବା ଆଶଙ୍କା ରହିଛି ।

